# ସୁବର୍ଣ୍ଣରେଖା ଅବବାହିକାରେ ବନ୍ୟା
# ବାଲେଶ୍ୱର ଜିଲ୍ଲା ବନ୍ୟା ଘେରରେ

ତା. ୨୨/୦୮/୨୦୨୨

ଲଘୁଚାପ ପ୍ରଭାବରେ ସୁବର୍ଣ୍ଣରେଖା ଅବବାହିକାରେ ବନ୍ୟା ସୃଷ୍ଟି ହୋଇଛି । ବାଲେଶ୍ୱର ଜିଲ୍ଲା ଏବେ ବନ୍ୟା ଘେରରେ । ଏବେ ସୁବର୍ଣ୍ଣରେଖାର ଜାମଶୋଳାଘାଟଠାରେ ଜଳପତ୍ତନ ୫୦.୪ ରହିଛି, ଏଠାରେ ଜଳସ୍ତର ହ୍ରାସପାଉଛି । ସେହିପରି ରାଜଘାଟଠାରେ ଜଳସ୍ତର ୧୧.୯୦ ରହିଛି, ସେଠାରେ ମଧ୍ୟ ଜଳସ୍ତର ହ୍ରାସ ପାଉଛି ।

ଆଜି ଅପରାହ୍ନ ସୁଦ୍ଧା ହୀରାକୁଦର ଜଳପତ୍ତନ ୬୨୨.୪୫ ଫୁଟ୍ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୯୧ ହଜାର ୮୭୪ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୯୨ ହଜାର ୪୫୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଖଇରମାଳଠାରେ ୨ ଲକ୍ଷ ୭୭ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ବଡମୂଳଠାରେ ୩ ଲକ୍ଷ ୮୧ ହଜାର ୨୫୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ମୁଣ୍ଡଳିଠାରେ ୪ ଲକ୍ଷ ୯୮ ହଜାର ୩୪୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ।

ମିଳିଥିବା ସୂଚନା ଅନୁଯାୟୀ ଏବେ ସୁଦ୍ଧା ରାଜ୍ୟର ୧୩ ଟି ଜିଲ୍ଲାର ୭୮ ଟି ବ୍ଲକ୍ ୬୪୫ ଟି ଗ୍ରାମ ପଞ୍ଚାୟତ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୪୮୯ ଟି ଗ୍ରାମ ପ୍ରଭାବିତ ହୋଇଛି । ରାଜ୍ୟର ୯୦୨ ଟି ଗ୍ରାମ ଜଳ ଘେରରେ ରହିଥିବାବେଳେ ୬ ଲକ୍ଷ ୪୦ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ଓ ପ୍ରାୟ ୯ ଲକ୍ଷ ୬୬ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସବୁ ଅଞ୍ଚଳରେ ୪୪୦ ଟି ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ୭୧ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି ।

ବନ୍ୟା ପ୍ରଭାବରେ ୫ ଲକ୍ଷ ୬୧ ହଜାର ୪୧୮ ବିଦ୍ୟୁତ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥି ମଧ୍ୟରୁ ୫ ଲକ୍ଷ ୨୧ ହଜାର ୫୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୧୦ ଟି ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବାବେଳେ, ୧୨୫ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୃତୟନ ହୋଇଛି । ୧ ଲକ୍ଷ ୨୨ ହଜାରଟି ଓଆରଏସ୍ ପ୍ୟାକେଟ୍, ୫ ଲକ୍ଷ ୩୮ ହଜାରଟି ହାଲୋଜିନ୍ ବଟିକା ବଣ୍ଟାଯାଇଛି । ଏହି ସମୟରେ ୨୩,୩୬୭ ସାଧାରଣ ରୋଗର ଚିକିତ୍ସିତ ହୋଇଥିବାବେଳେ, ୩୨ ଟି ସାପ କାମୁଡା ଘଟଣାର ଚିକିତ୍ସା କରାଯାଇଛି ।

ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଞ୍ଚଳରେ ୧୯୩ଟି ଭେଟେନାରୀ ଟିମ୍ ନିୟୋଜିତ ହୋଇଛି । ୪୦୭ଟି କ୍ୟାମ୍ପ ଆୟୋଜିତ ହୋଇଥିବାବେଳେ ଏଥିରେ ୧୮ ହଜାରରରୁ ଊର୍ଦ୍ଧ୍ୱ ପଶୁଙ୍କୁ ଚିକିତ୍ସା କରାଯାଇଅଛି । ୧୦ ଟି ଜିଲ୍ଲାକୁ ୯୧୩.୯୨ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଅଛି ।

ବନ୍ୟାଞ୍ଚଳରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨ ଲକ୍ଷ ୯୩ ହଜାର ପାଣି ବୋତଲ ଓ ୧୨ ଲକ୍ଷ ୨୯ ହଜାର ପାଣି ପାଉଚ୍ ବଣ୍ଟାଯାଇଛି । ଏହା ସହ ୨୦୩ ଟି ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି ।

ବନ୍ୟାଞ୍ଚଳରେ ୧୧ ଟି ଜିଲ୍ଲାରେ ୧୬ ଟି ଏନଡିଆରଏଫ୍, ୧୭ ଟି ଓଡ୍ରାଫ୍, ୫୫ ଟି ଅତିରିକ୍ତ ଫାୟର ସର୍ଭିସ୍ ଟିମ୍ ମୃତୟନ କରାଯାଇଛି ।